**୨୦୧୦-୧୧ ମସିହା ବିଦ୍ୟୁତ ଶୁଳ୍କ ଓଇଆରସି ଦ୍ୱାରା ନିର୍ଦ୍ଧାରିତ**
**ଜଳସେଚନ, କୃଷି, କୃଷି ଆନୁସଙ୍ଗିକ କାର୍ଯ୍ୟକ୍ରମ, ବିପିଏଲ୍ ପରିବାର ପାଇଁ ୩୦ ୟୁନିଟ ଓ ଘରୋଇ**
**ବିଦ୍ୟୁତ ଉପଭୋକ୍ତା ମାନଙ୍କ କ୍ଷେତ୍ରରେ ପ୍ରଥମ ୧୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ ଶୁଳ୍କ ଅପରିବର୍ତ୍ତିତ**

- ଓଡିଶା ଜଳ ବିଦ୍ୟୁତ ନିଗମ ଦ୍ୱାରା ଉତ୍ପାଦିତ ବିଦ୍ୟୁତ ଦର ୨୦୦୯-୧୦ରେ ୟୁନିଟ ପିଛା ୫୯.୬୮ ପଇସା ଥିଲା ବେଳେ, ୨୦୧୦-୧୧ ପାଇଁ ୬୪.୪୦ ପଇସା ଧାର୍ଯ୍ୟ କରାଯାଇଛି ।
- ଓଡିଶା ଜଳ ବିଦ୍ୟୁତ ନିଗମ, ଏନ୍.ଟି.ପି.ସି., ଓପିଜିସି, ଇତ୍ୟାଦି ସମସ୍ତ ସୂତ୍ରରୁ ବିଦ୍ୟୁତ କ୍ରୟ ହିସାବକୁ ନେଇ, ୨୦୦୯-୧୦ ପାଇଁ ଗ୍ରୀଡକୋର ହାରାହାରି ବିଦ୍ୟୁତ କ୍ରୟ ମୂଲ୍ୟ ୟୁନିଟ ପିଛା ୧୪୮.୨୭ ପଇସା ଆୟୋଗ ଅନୁମୋଦନ କରିଥିଲା ବେଳେ ଅଧିକ ଚାହିଦା ମେଣ୍ଟାଇବା ପାଇଁ ଅଧିକ ମୂଲ୍ୟର ବିଦ୍ୟୁତ କ୍ରୟ ଓ ଇନ୍ଧନର ମୂଲ୍ୟ ବୃଦ୍ଧି ଯୋଗୁଁ ଗ୍ରୀଡକୋକୁ ହାରାହାରି ବିଦ୍ୟୁତ କ୍ରୟ ମୂଲ୍ୟ ସେପ୍ଟେମ୍ବର'୦୯ ସୁଦ୍ଧା ୧୮୫.୦୨ ଦେବାକୁ ପଡିଥିଲା ଏବଂ ଜାନୁଆରୀ'୧୦ ସୁଦ୍ଧା ଏହା ୟୁନିଟ ପିଛା ୨୦୨ ପଇସା ବୋଲି ଆକଳନ କରାଯାଇଛି । କିନ୍ତୁ ଆୟୋଗ ଗ୍ରୀଡକୋର ଦରଖାସ୍ତ ବିଚାରକୁ ନେଇ ୨୦୧୦-୧୧ରେ ରାଜ୍ୟରେ ବ୍ୟବହାର ହେବା ପାଇଁ ବିଦ୍ୟୁତ କ୍ରୟ ୧୭୪.୫୮ ପଇସା ଆକଳନ କରିଛନ୍ତି ।
- ଗ୍ରୀଡକୋର Average Bulk Supply Price ୟୁନିଟ ପିଛା ୧୨୨.୨୦ ପଇସା ୨୦୦୯-୧୦ରେ ଆୟୋଗ ଅନୁମୋଦନ କରିଥିଲାବେଳେ, ୨୦୧୦-୧୧ ମସିହା ପାଇଁ ଆୟୋଗ ୧୭୦.୨୫ ପଇସା ହେବା ପାଇଁ ଧାର୍ଯ୍ୟ କରିଛନ୍ତି । ଗତବର୍ଷ ତୁଳନାରେ ଏହି ବୃଦ୍ଧିର ପରିମାଣ ୪୮ ପଇସା ଯାହାକି ୩୯% ବୃଦ୍ଧି ।
- ଗତବର୍ଷ ଗ୍ରୀଡକୋର ରାଜସ୍ୱ ନିଅଣ୍ଟ (Revenue Gap) ୮୮୨.୨୫ କୋଟି ଅନୁମୋଦନ କରାଯାଇଥିଲା ବେଳେ, ଏ ବର୍ଷ ଶୁଳ୍କ ବୃଦ୍ଧି ସତ୍ତ୍ୱେ ଏହା ୮୦୬.୧୫ କୋଟି ରହିବ ବୋଲି ଆୟୋଗ ଆକଳନ କରିଛନ୍ତି । ଏହି ରାଜସ୍ୱ ନିଅଣ୍ଟ trading, UI ବିତରଣ କମ୍ପାନୀମାନଙ୍କଠାରୁ ବକେୟା ଆଦାୟ ଓ ସରକାରୀ ସାହାଯ୍ୟ ଦ୍ୱାରା ଭରଣା କରାଯାଇ ପାରିବ ବୋଲି ଆୟୋଗ ଆଶା ପ୍ରକାଶ କରିଛନ୍ତି ।
- ଓପିଟିସିଏଲ୍‌ର ଟ୍ରାନ୍ସମିସନ (ସରବରାହ)ର ମୂଲ୍ୟ ୨୦୦୯-୧୦ରେ ୨୦.୫ ପଇସା ଥିଲା ବେଳେ, ୨୦୧୦-୧୧ରେ ଏହାକୁ ୨୩.୫ ପଇସା ହେବାପାଇଁ ଧାର୍ଯ୍ୟ କରାଯାଇଛି । ଗତ ବର୍ଷ ତୁଳନାରେ ଏହି ବୃଦ୍ଧି ୩ ପଇସା ଯାହାକି ୧୫% ବୃଦ୍ଧି ।
- ବିଦ୍ୟୁତ ଉତ୍ପାଦନର ମୂଲ୍ୟ, ଟ୍ରାନ୍ସମିସନ (ସରବରାହ)ର ମୂଲ୍ୟକୁ ହିସାବକୁ ନେଇ ୨୦୦୯-୧୦ରେ ବିଦ୍ୟୁତ ଯୋଗାଣର ମୂଲ୍ୟ (Weighted Average Tariff) ୨୬୫.୧୫ ପଇସା ଥିଲାବେଳେ, ୨୦୧୦-୧୧ ପାଇଁ ଏହା ୩୨୦.୫୮ ପଇସାକୁ ଧାର୍ଯ୍ୟ କରାଯାଇଛି । ଏହା ଗତ ବର୍ଷ ତୁଳନାରେ ୫୫ ପଇସା ଯାହାକି ୨୧% ବୃଦ୍ଧି । ବିଦ୍ୟୁତ ଉତ୍ପାଦନ, ସରବରାହ ଆଦି ଶୁଳ୍କ ବୃଦ୍ଧି ବିଚାରକୁ ନେଇ ଆୟୋଗ ଉପରୋକ୍ତ ମୂଲ୍ୟ ବୃଦ୍ଧିକୁ ଅନୁମୋଦନ କରିଛନ୍ତି ।
- ଘରୋଇ ଉପଭୋକ୍ତାଙ୍କ ପାଇଁ ୧୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ ବ୍ୟବହାର ପାଇଁ ୧୪୦ ପଇସା, କୃଷି ଓ ଜଳସେଚନ ପାଇଁ ୧୧୦ ପଇସା, କୃଷି ଓ ଆନୁସଙ୍ଗିକ କାର୍ଯ୍ୟ ପାଇଁ ୧୨୦ ପଇସା ୨୦୦୯-୧୦ ପାଇଁ ଯାହା ଧାର୍ଯ୍ୟ କରାଯାଇଥିଲା ସେଥିରେ କିଛି ବୃଦ୍ଧି କରାଯାଇନାହିଁ ।
- LT କ୍ଷେତ୍ରରେ ହାରାହାରୀ ଶୁଳ୍କ ୨୦୦୯-୧୦ରେ ୟୁନିଟ ପିଛା ୧୭୯.୯୯ ପଇସା ଥିବା ବେଳେ, ୨୦୧୦-୧୧ରେ ଏହା ବୃଦ୍ଧି ପାଇ ୨୧୯.୨୧ ପଇସା ହୋଇଛି । ସେହିପରି HT କ୍ଷେତ୍ରରେ ୩୪୫.୮୨ ପଇସାରୁ ୪୨୩.୫୯ ପଇସା ଓ EHT କ୍ଷେତ୍ରରେ ୩୩୬.୩୨ ପଇସାରୁ ୪୧୬.୬୧ ପଇସାକୁ ବୃଦ୍ଧି ପାଇଛି ।
- ଆୟୋଗ National Electricity Policy, 2005, National Tariff Policy, 2006, Electricity Act, 2003ର ଧାରା 61(g) ଏବଂ ମାନ୍ୟବର ହାଇକୋର୍ଟଙ୍କର ନିର୍ଦ୍ଦେଶ ଅନୁସାରେ cross-subsidy କିପରି କମିବ ତାହା ବିଚାରକୁ ନେଇ ୨୦୧୦-୧୧ ପାଇଁ ଶୁଳ୍କ ନିର୍ଦ୍ଧାରଣ କରିଛନ୍ତି ।

- ୨୦୦୮-୦୯ରେ ବିଦ୍ୟୁତ ବଣ୍ଟନ କମ୍ପାନୀମାନଙ୍କର ବିଦ୍ୟୁତ ବିତରଣ କ୍ଷତି ୩୭.୫% ହୋଇଥିବା ବେଳେ, ସେପ୍ଟେମ୍ବର'୦୯ ପର୍ଯ୍ୟନ୍ତ ଏହା ୩୬.୭% ହୋଇଛି । ବିଦ୍ୟୁତ ବଣ୍ଟନ କମ୍ପାନୀମାନଙ୍କର ପ୍ରସ୍ତାବିତ ୩୫.୩୮% ବିତରଣ ଜନିତ କ୍ଷତି (Distribution Loss)କୁ ଆୟୋଗ ଗ୍ରହଣ ନକରି ଏହାକୁ ଓଡିଶା ପାଇଁ ହାରାହାରି ୨୨.୨% ମଧ୍ୟରେ ସିମୀତ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

**Overall Distribution Loss (%)**

| Name of DISCOMs | Actual 2008-09 | Comm. Approval 2009-10 | Actual upto Sept.'09 | Comm. Approval 2010-11 |
|---|---|---|---|---|
| CESU | 40.30 | 26.30 | 38.96 | 25.37 |
| NESCO | 34.57 | 23.00 | 32.24 | 18.46 |
| WESCO | 33.55 | 22.50 | 33.77 | 19.93 |
| SOUTHCO | 47.78 | 27.92 | 47.95 | 27.82 |
| Total | 37.50 | 24.45 | 36.73 | 22.20 |

LT ଉପଭୋକ୍ତାଙ୍କ କ୍ଷେତ୍ରରେ ସମସ୍ତ ବିତରଣ କମ୍ପାନୀମାନଙ୍କ ପାଇଁ ବିତରଣ କ୍ଷତିକୁ ୨୯.୪%ରେ ସୀମିତ ରଖିବାକୁ କୁହାଯାଇଛି ।

- ଓଡିଶା ପାଇଁ Aggregate Technical & Commercial (AT&C) Loss ୨୦୦୮-୦୯ରେ ୪୧.୭% ଓ ସେପ୍ଟେମ୍ବର'୦୯ ସୁଦ୍ଧା ୪୦.୩% ହୋଇଥିଲା ବୋଲି କମ୍ପାନୀମାନେ ଦର୍ଶାଇଥିଲେ । ବିତରଣ କମ୍ପାନୀମାନେ AT&C Loss ୨୦୧୦-୧୧ ପାଇଁ ୩୭.୨୧% ହେବ ବୋଲି ଆକଳନ କରିଥିଲାବେଳେ, ଆୟୋଗ AT&C Lossକୁ ୨୩.୮% ମଧ୍ୟରେ ସିମୀତ ରଖିବାକୁ ନିର୍ଦ୍ଦେଶ ଦେଇ ୨୦୧୦-୧୧ ପାଇଁ ବିଦ୍ୟୁତ ଶୁଳ୍କ ନିର୍ଦ୍ଧାରଣ କରିଛନ୍ତି । ଆୟୋଗ AT&C Lossକୁ କମାଇବା ଉପରେ ଗୁରୁତ୍ୱ ଆରୋପ କରି ଶୁଳ୍କ ନିର୍ଦ୍ଧାରଣ କରିଛନ୍ତି ନଚେତ୍ ଏହା ବହୁଗୁଣରେ ବୃଦ୍ଧି ପାଇଥାନ୍ତା ।

**Overall AT&C Loss (%)**

| Name of DISCOMs | Actual 2008-09 | Comm. Approval 2009-10 | Actual upto Sept.'09 | Comm. Approval 2010-11 |
|---|---|---|---|---|
| CESU | 45.18 | 27.78 | 40.98 | 26.9 |
| NESCO | 38.60 | 24.54 | 38.65 | 20.1 |
| WESCO | 37.63 | 24.05 | 36.44 | 21.5 |
| SOUTHCO | 50.98 | 29.36 | 52.52 | 29.3 |
| Total | 41.70 | 25.96 | 40.27 | 23.8 |

- ଏଠାରେ ଗୋଟିଏ ମୁଖ୍ୟ ବିଷୟ ଉଲ୍ଲେଖ କରାଯାଇପାରେ ଯେ, ୧୯୯୬-୯୭ ମସିହାଠାରୁ ୨୦୦୯-୧୦ ମସିହା ପର୍ଯ୍ୟନ୍ତ ପାଇକାରୀ ମୂଲ୍ୟସୂଚୀ ବୃଦ୍ଧିର ହାର ୫-୬ ଶତାଂଶ ହୋଇଥିଲାବେଳେ, ବିଦ୍ୟୁତ୍ ଶୁଳ୍କ ୧.୨.୨୦୦୧ ଠାରୁ ଅପରିବର୍ତ୍ତିତ ରହିଛି । ପାଇକାରୀ ମୂଲ୍ୟସୂଚୀରେ (WPI) ୨୦୦୧-୦୨ରେ ୩.୩୩%, ୨୦୦୨-୦୩ରେ ୩.୪୧%, ୨୦୦୩-୦୪ରେ ୫.୪୬%, ୨୦୦୪-୦୫ରେ ୬.୪୮%, ୨୦୦୫-୦୬ରେ ୪.୪୩%, ୨୦୦୬-୦୭ରେ ୫.୩୭%, ୨୦୦୭-୦୮ରେ ୪.୨୭%, ୨୦୦୮-୦୯ରେ ପ୍ରାୟ ୬%, ୨୦୦୯-୧୦ରେ ୮%କୁ ହିସାବକୁ ନେଇ ତୁଳନା କଲେ, ବିଦ୍ୟୁତ୍ ଶୁଳ୍କ ୨୦୦୯-୧୦ ପର୍ଯ୍ୟନ୍ତ ପ୍ରାୟ ୩୦% କମ୍ ରହିଛି ବୋଲି କୁହାଯାଇପାରେ ।
- ଜଳବିଦ୍ୟୁତ କେନ୍ଦ୍ରମାନଙ୍କଠାରୁ ମିଳୁଥିବା ବିଦ୍ୟୁତ୨୦୦୪-୦୫ରେ ସମୁଦାୟ ଚାହିଦାର ୫୬.୫୭% ଥିଲାବେଳେ ୨୦୦୮-୦୯ରେ ଏହା ୩୦.୩୩% ଓ ୨୦୧୦-୧୧ ପାଇଁ ୨୮% । ବିଦ୍ୟୁତ ଚାହିଦା ତୁଳନାରେ ଜଳବିଦ୍ୟୁତ କେନ୍ଦ୍ରମାନଙ୍କର ଯୋଗାଣର ଅନୁପାତ କମିଯାଉଥିବା, କୋଇଲା ଓ Furnace Oil ମୂଲ୍ୟ ବୃଦ୍ଧି, କର୍ମଚାରୀମାନଙ୍କର ବେତନ ଓ ପେନସନ ଅଭିବୃଦ୍ଧି, ଇତ୍ୟାଦି ବିଦ୍ୟୁତ ଶୁଳ୍କ ବୃଦ୍ଧିର ମୁଖ୍ୟ କାରଣ ଅଟେ ।